# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 9 April - 2025

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟ ଫୋରେନ୍‌ସିକ୍ ସାଇନ୍ସ ବିଭାଗରେ ସୃଷ୍ଟି ହେଲା ୨୪୭ଟି ପଦବୀ
- ମନୋଜ କୁମାର ପରିଡା ରାଜ୍ୟର ନୂଆ ମୁଖ୍ୟ ସୂଚନା କମିଶନର ନିଯୁକ୍ତ
- ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ହ୍ରାସ କଲା ଭାରତୀୟ ରିଜର୍ଭ ବ୍ୟାଙ୍କ
- ଓଡ଼ିଆ ପକ୍ଷର ନବମ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ପାଳନ କରାଯାଉଛି 'ଆସ ବହିଟିଏ କିଣିବା' ଅଭିଯାନ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡଘଡି ସହ ବର୍ଷା ହେବା ନେଇ ଆଗାମୀ ଦୁଇ ଦିନ ପାଇଁ ସତର୍କ ସୂଚନା ଜାରି କଲା ଆଂଚଳିକ ପାଣିପାଗ କେନ୍ଦ୍ର

## ପଦବୀ ସୃଷ୍ଟି

ରାଜ୍ୟ ଫୋରେନ୍‌ସିକ୍ ସାଇନ୍ସ ବିଭାଗରେ ସରକାର ନୂତନ ଭାବେ ୨୪୭ଟି ପଦବୀ ସୃଷ୍ଟି କରିଛନ୍ତି। ଗୃହ ବିଭାଗ ପକ୍ଷରୁ ଏ ନେଇ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ୨୪୭ଟି ପଦବୀ ମଧ୍ୟରୁ ଗୋଟିଏ ଯୁଗ୍ମ ନିର୍ଦ୍ଦେଶକ, ଦୁଇଟି ଉପ ନିର୍ଦ୍ଦେଶକ, ୨୦ଟି ଅତିରିକ୍ତ ନିର୍ଦ୍ଦେଶକ, ୬୫ଟି ବରିଷ୍ଠ ପରୀକ୍ଷଣ ଅଧିକାରୀ, ୭୧ଟି ପରୀକ୍ଷଣ ଅଧିକାରୀ, ୨୧ଟି ବରିଷ୍ଠ ଫୋରେନ୍‌ସିକ୍ ସହାୟକ ଏବଂ ୬୭ଟି କନିଷ୍ଠ ଫୋରେନ୍‌ସିକ୍ ସହାୟକ ପଦବୀ ଆଦି ରହିଛି ବୋଲି ଏହି ପତ୍ରରେ ଉଲ୍ଲେଖ କରାଯାଇଛି। ଓଆରଭି ନିୟମ ଅନୁଯାୟୀ, ସରକାରଙ୍କ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ଏହିସବୁ ପଦବୀ ପୂରଣ କରାଯିବ ବୋଲି ଗୃହବିଭାଗ ପକ୍ଷରୁ ଜଣାପଡିଛି।

## ପଦବୀ ସୃଷ୍ଟି

ରାଜ୍ୟ ଫୋରେନ୍‌ସିକ୍ ସାଇନ୍ସ ବିଭାଗରେ ସରକାର ନୂତନ ଭାବେ ୨୪୭ଟି ପଦବୀ ସୃଷ୍ଟି କରିଛନ୍ତି। ଗୃହ ବିଭାଗ ପକ୍ଷରୁ ଏ ନେଇ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ୨୪୭ଟି ପଦବୀ ମଧ୍ୟରୁ ଗୋଟିଏ ଯୁଗ୍ମ ନିର୍ଦ୍ଦେଶକ, ଦୁଇଟି ଉପ ନିର୍ଦ୍ଦେଶକ, ୨୦ଟି ଅତିରିକ୍ତ ନିର୍ଦ୍ଦେଶକ, ୬୫ଟି ବରିଷ୍ଠ ପରୀକ୍ଷଣ ଅଧିକାରୀ, ୭୧ଟି ପରୀକ୍ଷଣ ଅଧିକାରୀ, ୨୧ଟି ବରିଷ୍ଠ ଫୋରେନ୍‌ସିକ୍ ସହାୟକ ଏବଂ ୬୭ଟି କନିଷ୍ଠ ଫୋରେନ୍‌ସିକ୍ ସହାୟକ ପଦବୀ ଆଦି ରହିଛି ବୋଲି ଏହି ପତ୍ରରେ ଉଲ୍ଲେଖ କରାଯାଇଛି। ଓଆରଭି ନିୟମ ଅନୁଯାୟୀ, ସରକାରଙ୍କ ନିଯୁକ୍ତି ପ୍ରକ୍ରିୟା

ମାଧ୍ୟମରେ ଏହିସବୁ ପଦବୀ ପୂରଣ କରାଯିବ ବୋଲି ଗୃହବିଭାଗ ପକ୍ଷରୁ ଜଣାପଡିଛି ।

# ପୁଞ୍ଜି ନିବେଶ

ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ୧ଲକ୍ଷ ୩ ହଜାର ୯୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରସ୍ତାବ ଆସିଛି । ଏ ନେଇ ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ନିବେଶ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୩ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏହାଦ୍ୱାରା ରାଜ୍ୟରେ ୯୫ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ଆଇଓସିଲ୍ ସହ ରାଜ୍ୟ ସରକାର ୫୮ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛନ୍ତି । ପେଟ୍ରୋ କେମିକାଲ୍ସ କ୍ଷେତ୍ରରେ ଓଡ଼ିଶାର ଶିଳ୍ପ ବିକାଶକୁ ଏହା ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ସୂଚନା କମିଶନର ନିଯୁକ୍ତ

ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଧିକାରୀ ମନୋଜ କୁମାର ପରିଡା ରାଜ୍ୟର ନୂଆ ମୁଖ୍ୟ ସୂଚନା କମିଶନର ଭାବେ ନିଯୁକ୍ତ ହୋଇଛନ୍ତି । ସେହିପରି ଅବସରପ୍ରାପ୍ତ ଆଇ.ପି.ଏସ୍. ଅଧିକାରୀ ପ୍ରାଣବିନ୍ଦୁ ଆଚାର୍ଯ୍ୟ, ଓଡ଼ିଶା ହାଇକୋର୍ଟର ଆଇନଜୀବୀ କଳ୍ପନା ପଟ୍ଟନାୟକ, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର ପବିତ୍ର ମଣ୍ଡଳ ସୂଚନା କମିଶନର ଭାବେ ନିଯୁକ୍ତି ପାଇଛନ୍ତି ।

# ଆର୍‌ବିଆଇ ପଲିସି

ଭାରତୀୟ ରିଜର୍ଭବ୍ୟାଙ୍କ-ଆର୍.ବି.ଆଇ. ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଫଳରେ ଏହା ୬ ପ୍ରତିଶତରେ ପହଞ୍ଚିଛି । କ୍ରମାଗତ ଦ୍ୱିତୀୟଥର ପାଇଁ ଏହି ବେସିସ୍ ପଏଣ୍ଟ ହ୍ରାସ କରାଯାଇଛି। ମୁମ୍ବାଇଠାରେ ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଏହି ଘୋଷଣା କରି କହିଛନ୍ତି, ଚଳିତ ଆର୍ଥିକବର୍ଷର ପ୍ରଥମ ମୁଦ୍ରାନୀତି ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଫଳରେ ଆଗାମୀ ଦିନରେ ଗୃହ ଓ ଗାଡି ଋଣର ଇଏମ୍‌ଆଇ ହ୍ରାସ ପାଇବ।

ଚଳିତ ଆର୍ଥିକବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୪ ପ୍ରତିଶତ ରହିବ ବୋଲି ମଧ୍ୟ ଆକଳନ କରାଯାଇଛି । ସୂଚନାଯୋଗ୍ୟ ଗତ ସୋମବାରଠାରୁ ମୁମ୍ବାଇରେ ଆରମ୍ଭ ହୋଇଥିବା ୩ ଦିନିଆ ରିଜର୍ଭବ୍ୟାଙ୍କ ମୁଦ୍ରାନୀତି ବୈଠକ ଆଜି ଶେଷ ହୋଇଛି ।

## ଲିଙ୍ଗରାଜ-ରଥଟଣା

ମହାପ୍ରଭୁ ଲିଙ୍ଗରାଜଙ୍କର ଆଜି ବାହୁଡା ଯାତ୍ରା ଅନୁଷ୍ଠିତ ହେଉଛି। ଇତିମଧ୍ୟରେ ମଙ୍ଗଳଆଳତୀ, ଅବକାଶ, ରୋଷହୋମ, ପାକକାର୍ଯ୍ୟ, ମହାସ୍ନାନ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଆଦି ଅନୁଷ୍ଠିତ ହୋଇଯାଇଛି। ପହଣ୍ଡି କରାଯିବା ପରେ ମହାପ୍ରଭୁ ଲିଙ୍ଗରାଜଙ୍କ ରଥଟଣା ଅପରାହ୍ଣ ସାଢ଼େ ୩ଟା ବେଳକୁ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅଶୋକାଷ୍ଟମୀ ତିଥିରେ ମହାପ୍ରଭୁ ଲିଙ୍ଗରାଜ ଭଉଣୀ ମା’ ରୁକ୍ମଣୀ ଓ ପ୍ରଭୁ ଦୋଳଗୋବିନ୍ଦଙ୍କୁ ସାଙ୍ଗରେ ଧରି ରୁକୁଣା ରଥରେ ରାମେଶ୍ୱର ମନ୍ଦିର ଯାତ୍ରା କରିଥିଲେ।

## ଆର୍‌ଆର୍‌ବି ଏକତ୍ରୀ କରଣ

ଆସନ୍ତା ମେ’ ମାସ ପହିଲାରୁ ‘ଏକ ରାଷ୍ଟ୍ର ଏକ ଆଂଚଳିକ ଗ୍ରାମୀଣ ବ୍ୟାଙ୍କ- ଆର୍‌ଆର୍‌ବି’ କାର୍ଯ୍ୟକାରୀ ହେବା ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଏହି କ୍ରମରେ ୧୧ଟି ରାଜ୍ୟର ୧୫ଟି ଆର୍‌ଆର୍‌ବି ଏକତ୍ରୀକରଣ କରାଯିବ। ଆନ୍ଧ୍ରପ୍ରଦେଶର ୪ଟି, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ୩ଟି ଲେଖାଏଁ ଏବଂ ଓଡ଼ିଶା, ବିହାର, ଗୁଜୁରାଟ, ଜମ୍ମୁ-କଶ୍ମୀର, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ରାଜସ୍ଥାନରେ ଥିବା ଗୋଟିଏ ଲେଖାଏଁ ଆର୍‌ଆର୍‌ବିକୁ ମିଶ୍ରଣ କରାଯିବ। ବ୍ୟାଙ୍କିଂ କ୍ଷେତ୍ରରେ ସଂସ୍କାର ଆଣିବା ଲାଗି କେନ୍ଦ୍ର ସରକାର ଆଂଚଳିକ ଗ୍ରାମୀଣ ବ୍ୟାଙ୍କ୍ ଆଇନ୍-୧୯୭୬ ଅନୁଯାୟୀ କ୍ଷମତା ପ୍ରୟୋଗ ପୂର୍ବକ ଏକ ଗେଜେଟ୍ ବିଜ୍ଞପ୍ତି ଜାରି କରି ଏକାଧିକ ଆର୍‌ଆର୍‌ବିର ମିଶ୍ରଣ ଘୋଷଣା କରିଛନ୍ତି। ଏହାଦ୍ୱାରା ବର୍ତ୍ତମାନର ୪୩ଟି ଆର୍‌ଆର୍‌ବିକୁ ଏକୀକୃତ କରି ୨୮ଟି ଆର୍‌ଆର୍‌ବି କରାଯିବ।

## ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ ୨୦୨୫ ପାଳନର ନବମ ଦିନରେ ଆଜି ‘ଆସ ବହିଟିଏ କିଣିବା’ ଅଭିଯାନ ପାଳନ କରାଯାଉଛି। ଆଜିର ଦିନରେ ନିଜେ ବହିଟିଏ କିଣିବା ସହ ଅନ୍ୟମାନଙ୍କୁ କିଣିବା ପାଇଁ ସଚେତନ କରି ଏହି ଅଭିଯାନକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ଲେଖକ ଏବଂ ପାଠକର ସମ୍ପର୍କକୁ ନିବିଡ଼ କରିବା ସହ ବହି ପଢ଼ିବା ନେଇ

ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ଏହି ଅଭିଯାନ ପାଳନ କରାଯାଉଛି।

**ସୁବର୍ଣ୍ଣପୁର** ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଜିଲ୍ଲା ପ୍ରଶାସନର ଆହ୍ୱାନକ୍ରମେ ଏହି ଅବସରରେ ଭୀମ ଭୋଇ ଛକରେ ଶତାଧିକ ବହି କିଣାଯାଇ ପାଠକଙ୍କୁ ବିତରଣ କରାଯାଇଛି।

**ବୌଦ୍ଧ** ଜିଲ୍ଲା ସଂଗ୍ରହାଳୟଠାରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ଓ ସାଧାରର ଲୋକେ ଉପସ୍ଥିତ ରହି ନିଜ ପସନ୍ଦର ଓଡ଼ିଆ ବହି କିଣିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆଙ୍କ ସମେତ ବିଭନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

**ଭଦ୍ରକ** ଜିଲ୍ଲା ସଂସ୍କୃତି ଭବନଠାରେ 'ଆସ ବହିଟିଏ କିଣିବା' ଅଭିଯାନକୁ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ ଉଦ୍‌ଘାଟନ କରି ଛାତ୍ରଛାତ୍ରୀମାନଙ୍କୁ ବହି କିଣିବା ଓ ପଢ଼ିବାକୁ ପରାମର୍ଶ ଦେଇଥିଲେ।

**କଳାହାଣ୍ଡି** ଜିଲ୍ଲା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରିସରରେ ଏହି ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଉପସ୍ଥିତ ରହି ଓଡ଼ିଆ ପୁସ୍ତକ କିଣିଛନ୍ତି। ଏହି ଅଭିଯାନ ଦ୍ୱାରା ପାଠକ ଓ ଲେଖକ ମଧ୍ୟରେ ସୁସମ୍ପର୍କ ସ୍ଥାପନ

ହୋଇପାରିବ ବୋଲି ବିଶ୍ୱବିଦ୍ୟାଳୟର ଉପକୁଳସଚିବ ମତ ପ୍ରକାଶ କରିଥିଲେ।

## ସମୀକ୍ଷା ବୈଠକ

**ବୌଦ୍ଧ** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ସହରାଞ୍ଚଳର ପାନୀୟଜଳ ସମସ୍ୟା, ପରିମଳ ବ୍ୟବସ୍ଥା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ମହାପାତ୍ର ବୈଠକରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ବିଧାୟକ ସରୋଜ କୁମାର ପ୍ରଧାନ ଓ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଢ଼ୀଠାକୁରାଣୀ ଦ୍ୱି-ବାର୍ଷିକ ଯାତ୍ରା

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରର ଆରାଧ୍ୟ ଦେବୀ ମା’ ବୁଢ଼ୀଠାକୁରାଣୀଙ୍କ ଦ୍ୱି-ବାର୍ଷିକ ଯାତ୍ରାର ଆଜି ପଞ୍ଚମ ଦିନରେ ମା’ ମାଉସୀମା ଘରକୁ ଯାତ୍ରା କରିବେ। ଦ୍ୱି-ବାର୍ଷିକ ଯାତ୍ରାର ସପ୍ତମ ଦିନ ଓ ଘଟ ପରିକ୍ରମାରର ପଞ୍ଚମ ଦିନରେ ମା’ ଜଉରାସାହିସ୍ଥିତ ମାଉସୀମା ଘରକୁ ବୁଲି ଯିବାର ପରମ୍ପରା ରହିଛି। ଯାତ୍ରା ଆରମ୍ଭ ହେବାର ୭ ଦିନ ପରେ ମା’ଙ୍କ ସୁରକ୍ଷା କବଚ ଭାବେ ରାଜା, କଟୁଆଳ ଓ ପାଇକ ସମେତ ବହୁ ପୁଲିସ୍‌ଙ୍କ ଗହଣରେ ମା’ ମାଉସୀମାଙ୍କ ଘରକୁ ଯାଇଥାନ୍ତି। ବାପ ଘରୁ ଅନୁମତି ମିଳିବା ପରେ ମାଉସୀମାଙ୍କ ଘର ପକ୍ଷରୁ ମା’ଙ୍କୁ ପୂଜାର୍ଚ୍ଚନା ଓ ବନ୍ଦାପନା କରି ନିଆଯାଇଥାଏ। ପ୍ରତ୍ୟାବର୍ତ୍ତନ

ଦିନ ମାଉସୀମା ଘରେ ପୋଡ଼ପିଠା ଖାଇ ସମସ୍ତ ପ୍ରକାର ଭାର ସାମଗ୍ରୀ ସହ ମେଲାଣି ନେଇ ମା' ନିଜସ୍ୱ ମନ୍ଦିର ଅଭିମୁଖେ ଯାତ୍ରା କରିବେ।

## ଚଇତି ପର୍ବ

**କେନ୍ଦୁଝର** ଜିଲ୍ଲା ଘଟଗାଁ ସ୍ଥିତ ପ୍ରସିଦ୍ଧ ମା' ତାରିଣୀଙ୍କ ଅଣାନବେ ତମ ଚଇତି ପର୍ବ ଆଜିଠାରୁ ଆରମ୍ଭ ହୋଇଛି। ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେହ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ୭ ଦିନ ଧରି ମା'ଙ୍କୁ ସୁନାବେଶରେ ସଜ୍ଜିତ କରାଯିବ। ୧୪ ତାରିଖ ମହାବିଷୁବ ସଂକ୍ରାନ୍ତୀରେ ଦିନସାରା ଅଖଣ୍ଡ ଭଜନ ସମାରୋହ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ସଚେତନତା ଶିବିର

**ନୟାଗଡ଼** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ବନବିଭାଗ ସମ୍ମିଳନୀ କକ୍ଷରେ ଅଧିକାରୀମାନଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ ଶିବିରକୁ ଉଦ୍‌ଘାଟନ କରି ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରେଜିଷ୍ଟ୍ରାର ସୋନାଲି ସରିତା ଉପସ୍ଥିତ ରହି ବନ୍ୟଜନ୍ତୁମାନଙ୍କ ସୁରକ୍ଷାକୁ ନେଇ ଆଇନ୍‌ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ଜନସମ୍ପର୍କ ଶିବିର

**ବୌଦ୍ଧ** ଜିଲ୍ଲା ତେଣ୍ଡାପଦରଠାରେ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲଙ୍କ ତତ୍ତ୍ୱାବଧାନରେ ପୁଲିସ୍‌ର ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାରୀ ଯୋଜନାର ସଦୁପଯୋଗ କରି ଆତ୍ମନିର୍ଭରଶୀଳ ହେବା ସହ ଗାଈ, କୁକୁଡ଼ା, ବତକ ଚାଷ କରି ସ୍ୱାବଲମ୍ବୀ ହେବାକୁ ଶ୍ରୀ ଗୋଏଲ ଜନସାଧାରଣଙ୍କୁ

ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମନମୁଣ୍ଡା ଥାନାଧିକାରୀ ଅଞ୍ଜଳି ବିଶ୍ୱାଳଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଦୟଣାଚୋରି ନୀତି

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ଦୟଣାଚୋରି ଓ ଦମନକ ଚତୁର୍ଦ୍ଦଶୀ ନୀତିକୁ ଦୃଷ୍ଟିରେ ରଖି ଆସନ୍ତା ଶୁକ୍ରବାର ଏବଂ ଶନିବାର ଦୁଇଦିନ ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ବନ୍ଦ ରଖାଯାଇଛି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ନିଜର ତୀବ୍ରତା ବଜାୟ ରଖି ଉତ୍ତର-ଉତ୍ତର ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ରାୟଗଡ଼ା, ସୁନ୍ଦରଗଡ଼, କୋରାପୁଟ, ଅନୁଗୁଳ, ଢ଼େଙ୍କାନାଳ ଆଦି ୧୯ଟି ଜିଲ୍ଲାରେ ବର୍ଷା ସହ ଘଡଘଡ଼ି ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

## ହକି

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିଅନସିପର ତୃତୀୟ  ଦିନରେ ଆଜି ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି।

ପ୍ରଥମ ମ୍ୟାଚ ଚଣ୍ଡିଗଡ଼ ଓ ଉତ୍ତରାଖଣ୍ଡ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଉତ୍ତରାଖଣ୍ଡ ପୋଲିସ ଦଳ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ ଆଇଟିବିପି ଓ ରାଜସ୍ଥାନ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ  ଆଇଟିବିପି, ରାଜସ୍ଥାନ ପୋଲିସ ଦଳକୁ ୮-୩ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ମଣିପୁର ଓ ଝାଡ଼ଖଣ୍ଡ ପୋଲିସ ମଧ୍ୟରେ ହୋଇଥିବା ତୃତୀୟ ମ୍ୟାଚରେ ଝାଡ଼ଖଣ୍ଡ ପୋଲିସ ବିଜୟୀ ହୋଇଛି।

ସେହିପରି ଚତୁର୍ଥ ମ୍ୟାଚରେ ପଶ୍ଚିମବଙ୍ଗ ଛତିଶଗଡ଼ ପୋଲିସ ଦଳକୁ ୬- ୩ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟ ଲାଭ କରିଛି।

*********************************